# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 December - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ‘ଯୋଗଯୁକ୍ତ ହେଲେ ରୋଗମୁକ୍ତ ହୋଇପାରିବା’ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଅଭିଭାଷଣ ଦେଇ କହିଲେ, ରାଷ୍ଟ୍ରପତି
- ନୌସେନାର ପରାକ୍ରମ, ଶୌର୍ଯ୍ୟ ଏବଂ ସାହସକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ଭାରତୀୟ ନୌସେନା ଦିବସ

— ପୁରୀ ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ନୌସେନା ଦିବସ ପାଳନ ସମାରୋହରେ ଯୋଗଦେବେ ରାଷ୍ଟ୍ରପତି

- ରାଜ୍ୟରେ ଆସନ୍ତାବର୍ଷ ଖାଲିଥିବା ଆର.ଆଇ. ଓ ଅମୀନ ପଦବୀ ପୂରଣ ହେବ; ବିଧାନସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

ଏବଂ

- ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଆଜିଠାରୁ ପାଳନ କରାଯାଉଛି ଭାଷା ଉତ୍ସବ

# ଆୟୁର୍ବେଦ କଲେଜ-ରାଷ୍ଟ୍ରପତି

'ଯୋଗଯୁକ୍ତ ହେଲେ ରୋଗମୁକ୍ତ ହୋଇପାରିବା' ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜର ହୀରକ ଜୟନ୍ତୀ ସମାରୋହରେ ଆଜି ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଦେଶ ବିଦେଶରେ ଲୋକମାନେ ଯୋଗ ଓ ଆୟୁର୍ବେଦ ଶିଖିବାକୁ ଇଚ୍ଛା କରୁଛନ୍ତି। ପ୍ରତ୍ୟେକ ରୋଗପାଇଁ ଆୟୁର୍ବେଦରେ ଚିକିତ୍ସାର ଉପାୟ ରହିଛି। ଏ ନେଇ ଆହୁରି ଗବେଷଣା ହେବାର ଆବଶ୍ୟକତା ରହିଛି। ଗବେଷଣା ଯେକୌଣସି ପଦ୍ଧତିର ବୈଜ୍ଞାନିକ ଭିତ୍ତିକୁ ପ୍ରମାଣ କରିବାରେ ସକ୍ଷମ। ପ୍ରମାଣ ଲୋକମାନଙ୍କ ମଧ୍ୟରେ ଆସ୍ଥା ବୃଦ୍ଧି କରିବା ସହ ଗ୍ରହଣୀୟତାର ମାର୍ଗ ପ୍ରଶସ୍ତ କରେ। ଖାଦ୍ୟପେୟରେ ସଂଯୋଗ ରକ୍ଷାକରି ସମସ୍ତେ ସୁସ୍ଥ ରହିପାରିବେ ବୋଲି ରାଷ୍ଟ୍ରପତି କହିଛନ୍ତି।

## - V/O -

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆୟୁର୍ବେଦ ଏକ ପୁରାତନ ଓ ସମୃଦ୍ଧ ଚିକିତ୍ସା ବିଜ୍ଞାନ। ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହିତ ସନ୍ତୁଳିତ ଆହାର ଓ ଜୀବନଶୈଳୀ ମାଧ୍ୟମରେ ଆରୋଗ୍ୟ ଲାଭ କରାଯାଇପାରିବ। ଖୁବ୍ ଶୀଘ୍ର ଢେଙ୍କାନାଳ ଓ ଗଞ୍ଜାମରେ ୫୦ ଶଯ୍ୟାବିଶିଷ୍ଟ ଦୁଇଟି ଆୟୁଷ ଚିକିତ୍ସାଳୟର ଲୋକାର୍ପଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଷ୍ଟ୍ରପତି ପୁରୀ ପହଞ୍ଚିବା ପରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ।

# ନୌସେନା ଦିବସ

ଭାରତୀୟ ନୌସେନାର ପରାକ୍ରମ, ସଫଳତା ଏବଂ ଭୂମିକାକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ୪ ତାରିଖକୁ ନୌସେନା ଦିବସ ଭାବେ ପାଳନ କରାଯାଇଥାଏ । ୧୯୭୧ ମସିହା ଆଜିର ଦିନରେ ଅପରେସନ୍ ଟ୍ରାଇଡେଣ୍ଟ ସମୟରେ ଭାରତୀୟ ନୌସେନା ପି.ଏନ୍.ଏସ୍. ଖାଇବର ସମେତ ୪ଟି ପାକିସ୍ତାନୀ ଜାହାଜକୁ ବୁଡ଼ାଇ ଦେଇଥିଲା। ଫଳରେ ବହୁ ପାକିସ୍ତାନୀ ନୌସୈନିକଙ୍କର ମୃତ୍ୟୁ ହୋଇଥିଲା।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ଣରେ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ନୌସେନା ଦିବସ ସମାରୋହରେ ଯୋଗଦେବେ । ଜଳ, ସ୍ଥଳ ଏବଂ ଆକାଶପଥରେ ନୌସେନା ପକ୍ଷରୁ ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ଦୁଃସାହସିକ ସାମରିକ କୌଶଳ ପ୍ରଦର୍ଶନ କରାଯିବ। ଏଥିରେ ନୌସେନାର ୧୫ଟି ଯୁଦ୍ଧ ଜାହାଜ, ୪୦ଟି ଲଢୁଆ ବିମାନ ଏବଂ ୪ଟି ଯୁଦ୍ଧ ଟ୍ୟାଙ୍କ୍ ଅଂଶଗ୍ରହଣ କରିଛନ୍ତି। ମାର୍କୋସ ବାହିନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ସମ୍ମୁଖରେ ପରେଡ୍ ପ୍ରଦର୍ଶନ କରାଯିବ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବିକ୍ରମ ସମେତ ଅନ୍ୟାନ୍ୟ ଯୁଦ୍ଧ ଜାହାଜ ଏହି ସମାରୋହରେ ଅଂଶଗ୍ରହଣ କରୁଛନ୍ତି । ଏଥିପାଇଁ ପୁରୀ ଜିଲ୍ଲା ପ୍ରଶାସନ ଏବଂ ନୌସେନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ନୌସେନା ଦିବସ ଅବସରରେ ଭାରତୀୟ ନୌସେନାକୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଯେଉଁମାନେ ସମୁଦ୍ର ଉପରେ ନିୟନ୍ତ୍ରଣ ରଖନ୍ତି ସେମାନେ ସର୍ବଶକ୍ତିମାନ। ପ୍ରଧାନମନ୍ତ୍ରୀ କହିଛନ୍ତି, ନୌସେନାର ବୀର ଯବାନମାନେ ଯେଉଁ ସାହସ ଓ ସମର୍ପଣ ସହିତ ଆମ ସମୁଦ୍ରକୁ ରକ୍ଷା କରନ୍ତି ତାଙ୍କର ପ୍ରତିବଦ୍ଧତା ଆମ ଦେଶର ସୁରକ୍ଷା ଓ ସମୃଦ୍ଧିକୁ ସୁନିଶ୍ଚିତ କରିଥାଏ।

**ସ୍ୱରାଷ୍ଟ୍ରମନ୍ତ୍ରୀ** ଅମିତ୍ ଶାହା ନୌସେନା ଦିବସର ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ନୌବାହିନୀର ବୀରତା, ଶୌର୍ଯ୍ୟ ଓ ପରାକ୍ରମ ଦେଶର ସମୁଦ୍ରକୁ ସୁରକ୍ଷା ଦେଇଥାଏ।

ଶ୍ରୀ ଶାହା ଦେଶପାଇଁ ନିଜ ଜୀବନ ବଳିଦାନ ଦେଇଥିବା ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ମଧ୍ୟ ନୌସେନା  ଦିବସର ଶୁଭେଚ୍ଛା ଜଣାଇଛନ୍ତି।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଭାରତୀୟ ନୌସେନା ଶୌର୍ଯ୍ୟ, ସମର୍ପଣ, କର୍ତ୍ତବ୍ୟପରାୟଣତା ଏବଂ ନିଷ୍ଠାର ପ୍ରତୀକ। ଦେଶ ଭାରତୀୟ ନୌସେନାର ସେବା, ତତ୍ପରତା ଏବଂ ବଳିଦାନ ପାଇଁ ସର୍ବଦା ଋଣୀ ରହିବ।

## ବିଧାନସଭା-୩

ବିଧାନସଭାରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ସମ୍ପର୍କିତ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ହେବା ପରେ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ପରେ ପାରିତ ହୋଇଯାଇଛି। ଏଥିସହ 'ଗିଲୋଟିନ୍' ପାଇଁ  ନିର୍ଦ୍ଧାରିତ ସମୟ ୧୨ଟା ୫୦ ମିନିଟ୍‌ରେ ଗୃହରେ ଅନାଲୋଚିତ ଅନ୍ୟାନ୍ୟ ବିଭାଗ ସମୂହର ଅତିରିକ୍ତ ଖର୍ଚ୍ଚ ଦାବିକୁ ବାଚସ୍ପତି ସୁରମା ପାଢୀ ଗୃହିତ କରାଇ ନେଇଛନ୍ତି।

## ବିଧାନସଭା-୧

ରାଜ୍ୟରେ ଆସନ୍ତା ୨୦୨୫ ମସିହା ସୁଦ୍ଧା ଖାଲି ଥିବା ଆର୍.ଆଇ ଓ ଅମୀନ ପଦବୀ ପୂରଣ ହେବ ବୋଲି ବିଧାନସଭାରେ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।  ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ସମୟରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଦୁର୍ନୀତିମୁକ୍ତ ରାଜସ୍ୱ ସେବା ଯୋଗାଇଦେବା ଆମର ପ୍ରମୁଖ ଲକ୍ଷ୍ୟ। ଆଗାମୀ ଦିନରେ ପ୍ରତି ୨ଟି ପଞ୍ଚାୟତରେ ଗୋଟିଏ ଲେଖାଏଁ ଆର.ଆଇ. କାର୍ଯ୍ୟାଳୟ ସ୍ଥାପନ ପାଇଁ ଯୋଜନା ହେଉଛି। ସେ କହିଛନ୍ତି, ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଶିକ୍ଷାନୁଷ୍ଠାନରେ ନିଜସ୍ୱ ଜମି ନଥିଲା। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଥିବା ଶ୍ରୀ ପୂଜାରୀ କହିଛନ୍ତି।

## ବିଧାନସଭା-୨

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟରେ ଥିବା ଗରିବ, ଭୂମିହୀନ ଲୋକ ୪ ଡିସ୍‌ମିଲ କିମ୍ବା ତା'ଠାରୁ କମ୍ ଜମି ଜବରଦଖଲ କରିଥିଲେ ସେମାନଙ୍କୁ ସେହି ଜମିର ପଟ୍ଟା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ। ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ସମୟରେ ମନ୍ତ୍ରୀ କହିଛନ୍ତି, ଧନୀ, ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି ଜବର ଦଖଲ କରିଥିଲେ ପଦକ୍ଷେପ ନିଆଯିବ। ଏ ସଂକ୍ରାନ୍ତରେ ହାଇକୋର୍ଟରେ ମାମଲା ବିଚାରାଧିନ ରହିଥିବାବେଳେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ମାମଲାର ଫଇସଲା ହେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱର ଜନତା ମୈଦାନରେ ଆସନ୍ତା ଜାନୁୟାରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା ବୈଠକ ହୋଇଛି। ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କମିଟିର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ହୋଇଛି। ଏହାସହ ଭୁବନେଶ୍ୱର-କଟକ ଓ ପୁରୀ ଆଦି ସ୍ଥାନରେ ଥିବା ୨୮ଟି ଦର୍ଶନୀୟ ସ୍ଥାନର ସୌନ୍ଦର୍ଯ୍ୟୀକରଣ ପାଇଁ ଆଲୋଚନା ହୋଇଥିଲା।

## ଭାଷା ଉତ୍ସବ

ରାଜ୍ୟର ସମସ୍ତ ବିଦ୍ୟାଳୟରେ ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଭାରତୀୟ ଭାଷା ଉତ୍ସବ ପାଳନ କରାଯାଉଛି । ଆସନ୍ତା ୧୧ ତାରିଖରେ ମହାକବି

ସୁବ୍ରମଣ୍ୟମ ଭାରତୀଙ୍କ ଜନ୍ମତିଥି ଅବସରରେ ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଭାଷା ମାଧ୍ୟମରେ ଏକତା ।** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା ପକ୍ଷରୁ ସମସ୍ତ ଶିକ୍ଷା ପ୍ରତିଷ୍ଠାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଭାଷା ଉତ୍ସବ ପାଳନ କରାଯାଉଛି ।

## ଏସ୍‌ଡିପିଓ ନିଯୁକ୍ତି

ପ୍ରଶିକ୍ଷଣ ଶେଷ ହେବା ପରେ ୨୦୨୨ ବ୍ୟାଚ୍‌ର ୩ ଜଣ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସରଙ୍କୁ ଏସ୍‌ଡିପିଓ ଭାବେ ନିଯୁକ୍ତି ମିଳିଛି । ରାମେନ୍ଦ୍ର ପ୍ରସାଦଙ୍କୁ କନ୍ଧମାଳ ଜିଲ୍ଲା, ବାଲିଗୁଡ଼ା ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି । ସେହିଭଳି ସୋନାଲୀ ସିଂ ପରମାର ବଣେଇ ଏସ୍‌ଡିପିଓ, ମାନୀ ବାବୁରାଓଙ୍କୁ କଳାହାଣ୍ଡି ସଦର ଏସ୍‌ଡିପିଓ ଦାୟିତ୍ୱ ମିଳିଛି । ୨୦୨୧ ବ୍ୟାଚ୍‌ର ଅମ୍ରିତା ପାଲ୍ କୌରଙ୍କୁ ବରଗଡ଼ ପଦ୍ମପୁର ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି ।

## ଅପରାଧ ସମୀକ୍ଷା ବୈଠକ

ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକମ୍‌ଙ୍କ ଅଧ୍ୟକ୍ଷତାରେ **ଗଞ୍ଜାମ** ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଏସପି ବହୁ ଦିନ ଧରି ପଡ଼ି ରହିଥିବା ମାମଲାଗୁଡିକର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆବାସ ଯୋଜନା ପ୍ରଶିକ୍ଷଣ ଶିବିର

**ଗଞ୍ଜାମ** ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ ସଭାଗୃହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାସ ଯୋଜନାର ପ୍ରକୃତ ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ପ୍ରତ୍ୟେକ ଗ୍ରାମରେ ସର୍ବେକ୍ଷଣ ପାଇଁ ନିଷ୍ପତ୍ତି ହୋଇଛି।

## ପୁଣ୍ୟ ତିଥି

**ଭଦ୍ରକ** ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋକୁଳା ନନ୍ଦ ମହାନ୍ତିଙ୍କ ୫୦ତମ ପୁଣ୍ୟ ତିଥି ଜନ୍ମ ସ୍ଥାନ କୁଆଁସ ଗ୍ରାମରେ ପାଳିତ ହୋଇଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଭଦ୍ରକ ସହର ମଠସାହି ରାଜଘାଟଠାରେ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି। ଏହାକୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉନ୍ମୋଚନ କରିଥିଲେ।

## କ୍ରୀଡା ମହୋତ୍ସବ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ **ନୂଆପଡା** ଜିଲ୍ଲାରେ ୩ ଦିନିଆ  ଆନ୍ତଃମହାବିଦ୍ୟାଳୟସ୍ତରୀୟ କ୍ରୀଡା ମହୋତ୍ସବ ଆରମ୍ଭ ହୋଇଛି। କ୍ରୀଡା ଉତ୍ସବରେ ୫୦ଟି ମହାବିଦ୍ୟାଳୟର ପ୍ରାୟ ୨୫୦ ଜଣ କ୍ରୀଡାବିତ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ନିବେଦିତା ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ପାଣିପାଗ

ରାଜ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଉଛି । ତେବେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨ ଦିନ ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି । ଅପର ପକ୍ଷରେ, ଗତକାଲି ଫୁଲବାଣୀଠାରେ ରାତିର ସର୍ବନିମ୍ନ ତାପମାତ୍ରା ୧୫ ଦଶମିକ ୫ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

*******************************